ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

*ବନାମ*

ଡା. ଶ୍ରୀ ହରି ଶଙ୍କର ବୈଦ୍ୟ ଏବଂ ଅନ୍ୟମାନେ

ଏପ୍ରିଲ 7, 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ମହାରାଷ୍ଟ୍ର ରାଜ୍ୟ ସରକାରୀ ପ୍ରଶାସନିକ ସେବା (ଅବସରକାଳୀନ ଭତ୍ତା) ନିୟମ, 1982:*

*ଆୟୁର୍ବେଦିକ ୟୁନାନୀ ଏବଂ ହୋମିଓପାଥି ମହାବିଦ୍ୟାଳୟ ଭଳି ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷକମାନେ - ଅବସରକାଳୀନ ଭତ୍ତା ଏବଂ ଆନୁତୋଷିକ ଯୋଜନାର ଲାଭ ପ୍ରଦାନ ପାଇଁ ନିୟମର ପ୍ରଯୁଜ୍ୟତା - ଶିକ୍ଷକମାନଙ୍କୁ ପର୍ଯ୍ୟାୟକ୍ରମେ ଉକ୍ତ ସୁବିଧାଗୁଡ଼ିକର ବିସ୍ତାର ଉପରେ ବିଚାର କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି*

*ମହାରାଷ୍ଟ୍ର ରାଜ୍ୟ* **ବନାମ** *ମନୁଭାଇ ପ୍ରଗାଜୀ ବାଶି ଏବଂ ଅନ୍ୟମାନେ,* **[1995] 5 SCC 730 ଏବଂ** *H.P. ରାଜ୍ୟ* **ବନାମ** *H.P. ରାଜ୍ୟ ସ୍ୱୀକୃତିପ୍ରାପ୍ତ ଏବଂ ସହାୟତା ପ୍ରାପ୍ତ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅନ୍ୟମାନେ,* **[1995] 4 SCC 507କୁ, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2878-79/1997

W.P. ସଂଖ୍ୟା 3508/1992 ରେ ମୁମ୍ବାଇ ଉଚ୍ଚ ନ୍ୟାୟାଳୟର 14.6.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଭି. ମୋହତା ଏବଂ ଡି. ଏମ୍. ନାରଗୋଲକର ।

ଉତ୍ତରଦାତାମାନଙ୍କ ପକ୍ଷରୁ ଦୁଷ୍ୟନ୍ତ ଏ. ଡେଭ ଏବଂ ଶ୍ରୀମତୀ ଏମ. କରଞ୍ଜାୱାଲା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁରୀ କରାଗଲା । ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 3508/92 ଏବଂ ଆଜ୍ଞାଦେଶ ଆବେଦନ ସଂଖ୍ୟା 2645/90ରେ 14 ଜୁନ୍, 1996 ତାରିଖରେ ପ୍ରଦତ୍ତ ବମ୍ବେ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର ରାୟରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡିକ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ ଉତ୍ତରଦାତାମାନେ ଆୟୁର୍ବେଦିକ, ୟୁନାନୀ ଏବଂ ହୋମିଓପାଥି ଘରୋଇ ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷକ ଅଟନ୍ତି । ବିଚାର ଆବଶ୍ୟକ କରୁଥିବା ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି:ସେମାନେ ମହାରାଷ୍ଟ୍ର ରାଜ୍ୟ ସରକାରୀ ପ୍ରଶାସନିକ ସେବା (ଅବସରକାଳୀନ ଭତ୍ତା) ନିୟମ, 1982 (ସଂକ୍ଷେପରେ, 'ନିୟମ') ଅନୁଯାୟୀ ରାଜ୍ୟ ସରକାରୀ ପ୍ରଶାସନିକ କର୍ମଚାରୀଙ୍କ ଭଳି ଅବସରକାଳୀନ ଭତ୍ତା ଏବଂ ଆନୁତୋଷିକ ଯୋଜନା ପାଇଁ ଯୋଗ୍ୟ କି । ସ୍ପଷ୍ଟତଃ, ଏହି ନିୟମ ସେମାନଙ୍କ ପାଇଁ ସ୍ୱତଃ ପ୍ରଯୁଜ୍ୟ ନୁହେଁ । UGC ଦ୍ୱାରା କରାଯାଇଥିବା ସୁପାରିଶ ଅନୁଯାୟୀ, ମହାରାଷ୍ଟ୍ର ସରକାର 26 ମେ, 1981 ତାରିଖରେ ଏହାର ସଂକଳ୍ପ ଦ୍ୱାରା ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନ, ଯଥା ଆୟୁର୍ବେଦିକ, ୟୁନାନି ଏବଂ ହୋମିଓପାଥି ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଅଣ-ଶିକ୍ଷକ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଉଥିବା ସମାନ ବେତନ-ହାରକୁ ଅନୁମୋଦନ କରିଛନ୍ତି । 29 ଜୁଲାଇ, 1983 ତାରିଖର ଅନ୍ୟ ଏକ ସଂକଳ୍ପ ଦ୍ୱାରା, ସେମାନେ ସରକାରୀ ସଂଗଠନଗୁଡିକ ସହିତ ସମାନ ଥିବା ଅଣ-ସରକାରୀ ସଂଗଠନଗୁଡ଼ିକୁ ସୁବିଧା ବିସ୍ତାର କରିଥିଲେ । ଯେହେତୁ ସରକାର ଅବସରକାଳୀନ ଭତ୍ତା ଏବଂ ଆନୁତୋଷିକ ଯୋଜନାର ସୁବିଧା ବିସ୍ତାର କରିନାହାଁନ୍ତି, ସେଥିପାଇଁ ସେହି ଦୃଷ୍ଟିରୁ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉକ୍ତ ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟ ଏହାର ଫଏସଲା କରିଛନ୍ତି । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ସହାୟତା ଅନୁଦାନ ସମ୍ବନ୍ଧରେ, ଏହା ବିବାଦୀୟ ନୁହେଁ, ସେଥିପାଇଁ, ଆମେ ଏହି ପ୍ରଶ୍ନର ଗଭୀରତାକୁ ଯିବାର ଆବଶ୍ୟକତା ନାହିଁ । ଏକମାତ୍ର ପ୍ରଶ୍ନ ହେଉଛି ଯେ ଉତ୍ତରଦାତାମାନେ ସରକାରୀ କର୍ମଚାରୀଙ୍କ ଭଳି ଅବସରକାଳୀନ ଭତ୍ତା ଏବଂ ଆନୁତୋଷିକ ପାଇବାକୁ ହକଦାର କି ? ରାଜ୍ୟ ପକ୍ଷରୁ ହାଜର ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ମୋହତା ଯୁକ୍ତି ବାଢିଛନ୍ତି ଯେ ବିପୁଳ ଆର୍ଥିକ ବ୍ୟୟକୁ ଦୃଷ୍ଟିରେ ରଖି ସରକାର ପର୍ଯ୍ୟାୟକ୍ରମେ ସମୟ ସମୟରେ ସୁବିଧା ବିସ୍ତାର କରୁଛନ୍ତି ଏବଂ ସେଥିପାଇଁ, ଏକ ପର୍ଯ୍ୟାୟରେ ସମସ୍ତଙ୍କୁ ସମସ୍ତ ସୁବିଧା ପ୍ରଦାନ କରିବା ପାଇଁ ସରକାରଙ୍କୁ ବାଧ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ । ଅନ୍ୟପକ୍ଷରେ, ଉତ୍ତରଦାତାମାନଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ

ଅଧିବକ୍ତା ଶ୍ରୀ ଡି. ଏ. ଡାଭେ ଯୁକ୍ତି ବାଢ଼ିଛନ୍ତି ଯେ ଯେତେବେଳେ ଘରୋଇ ଆଇନ ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷକମାନଙ୍କୁ ଅନୁଦାନ ଏବଂ ଅବସରକାଳୀନ ଭତ୍ତା ପ୍ରଦାନ କରାଯାଉ ନଥିଲା, ସେତେବେଳେ ଏହି ଅଦାଲତ ଦ୍ୱାରା *ମହାରାଷ୍ଟ୍ର ରାଜ୍ୟ* ବନାମ *ମନୁଭାଇ ପ୍ରଗାଜୀ ୱାସି ଏବଂ ଅନ୍ୟମାନେ* ମାମଲାରେ, [1995] 5 SCC 730 ରେ ସୁନିଶ୍ଚିତ କରାଯାଇଥିବା ସୁବିଧା ବିସ୍ତାର କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ, ସେମାନଙ୍କୁ ସମାନ ସୁବିଧା ପ୍ରଦାନ କରାଯାଇପାରେ । ସେ *H.P.* ବନାମ *H.P. ରାଜ୍ୟ ସ୍ୱୀକୃତିପ୍ରାପ୍ତ ଏବଂ ସହାୟତା ପ୍ରାପ୍ତ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅନ୍ୟମାନେ,* [1995] 4 SCC 507 ମାମଲାକୁ ମଧ୍ୟ ଉଲ୍ଲେଖ କରିଥିଲେ ଯେଉଁଥିରେ ଏହି ଅଦାଲତ ଘରୋଇ ଶିକ୍ଷାନୁଷ୍ଠାନ, ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସମ୍ପୃକ୍ତ ଯୁକ୍ତିଗୁଡ଼ିକୁ ଦୃଷ୍ଟିରେ ରଖି, ବିଚାର ପାଇଁ ଉତ୍ଥାପିତ ହେଉଥିବା ଏକମାତ୍ର ପ୍ରଶ୍ନ ହେଉଛି ଆୟୁର୍ବେଦିକ, ୟୁନାନି ଏବଂ ହୋମିଓପାଥି ସହାୟତା ପ୍ରାପ୍ତ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷକମାନଙ୍କୁ ଅବସରକାଳୀନ ଭତ୍ତା ଏବଂ ଆନୁତୋଷିକ ଯୋଜନା ପ୍ରଦାନ କରିବାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ହେବେ କି । ଏହା ଦେଖିବାକୁ ମିଳିଛି ଯେ ଏହି ଅଦାଲତ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, 1995 ମସିହାରୁ ଅବସରକାଳୀନ ଭତ୍ତା ଏବଂ ଆନୁତୋଷିକ ଯୋଜନାକୁ ଆଇନ ମହାବିଦ୍ୟାଳୟଗୁଡ଼ିକୁ ବିସ୍ତାର କରାଯାଇଥିଲା । ଏହି ଯୋଜନାର ସମ୍ପ୍ରସାରଣ କରାଯାଇପାରିବ କି ନାହିଁ ତାହା ଏକ କାର୍ଯ୍ୟ ନିର୍ବାହୀ ନୀତିର ପ୍ରଶ୍ନ ଅଟେ ଏବଂ ଏହି ନୀତିର ସମ୍ପ୍ରସାରଣ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାର ଦାୟିତ୍ୱ ନ୍ୟାୟାଳୟ ଗ୍ରହଣ କରିବେ ନାହିଁ । ନିର୍ଦ୍ଧାରିତ ନୀତି କିପରି ପ୍ରସ୍ତୁତ ହେଉଛି ସେ ବିଷୟରେ ଅଦାଲତ ଯାଞ୍ଚ ଆବଶ୍ୟକ କରନ୍ତି । ଏହା ଦର୍ଶାଯାଇଛି ଯେ ଯେହେତୁ ଏହି ସୁବିଧା ପ୍ରଦାନ କରିବା ସହିତ ବ୍ୟାପକ ଆର୍ଥିକ ବ୍ୟୟ ଜଡ଼ିତ ଅଟେ ଏବଂ ଶିକ୍ଷକ ବର୍ଗଙ୍କୁ ଏହି ସୁବିଧା ପ୍ରଦାନରୁ ବଞ୍ଚିତ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ, ତେଣୁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଆମେ ପ୍ରଶଂସା କରୁଛୁ । ସେଥିପାଇଁ, ଆୟୁର୍ବେଦିକ, ୟୁନାନି ଏବଂ ହୋମିଓପାଥି ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକମାନଙ୍କୁ ଅନ୍ୟାନ୍ୟ ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଭଳି ପର୍ଯ୍ୟାୟକ୍ରମେ ଅବସରକାଳୀନ ଭତ୍ତା ଏବଂ ଆନୁତୋଷିକ ଯୋଜନାର ସୁବିଧା ପ୍ରଦାନ ଉପରେ ବିଚାର କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

ତଦନୁସାରେ, ଅପିଲଗୁଡ଼ିକର ଫଏସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲଗୁଡ଼ିକର ଫଏସଲା କରାଗଲା ।

## ଅସ୍ୱୀକରଣ

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ